# Akashvani, Sambalpur

## SAMBALPURI NEWS BULLETIN

### 4 February 2025- 6.47- 6.52 am.

*********************************************

କେନ୍ଦ୍ର ଶିକ୍ଷାମନ୍ତ୍ରୀ          ଏକ୍ସ

ରାଏଜର ୩ ହଜାର ୬ ଶହ ୫୯ ପ୍ରାଥମିକ ସ୍କୁଲ୍‌କେ ମିଲ୍‌ବା ଇଂଟନ୍ ସେବା ଆଉ ୮ ଶହ ୬୩ଟା ସ୍କୁଲ୍‌ନ ଅଟଳ ଟିଙ୍କରିଂ ଲେବ୍ ଖୁଲାଯିବା ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ । ୨୦୨୫-୨୬ ବଜେଟ୍‌ଥି ରାଜ୍ୟକେ ମିଲିଥିବା ଅନୁଦାନ୍ ବାବ୍‌ଦେ ଗଲାକାଏଲ୍ ସାମ୍ବାଦିକ୍ ସମ୍ମିଲନୀଥି ସୂଚ୍‌ନା ଦେଇକରି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍, ଇ ବଜେଟ୍‌ଥି ଜାତୀୟ ଦକ୍ଷତା ଉତ୍କର୍ଷ ପ୍ରତିଷ୍ଠା, ୧୦୦ଟା ଷ୍ଟାର୍ଟ ଅପ୍ ପ୍ରତିଷ୍ଠା ରାଏଜେ ଶିକ୍ଷା ଆଉ ଦକ୍ଷତା ବିକାଶ୍‌ର ଗତି ବଢ଼ାବା । କେନ୍ଦ୍ର ବଜେଟ୍‌ନୁ ଓଡ଼ିଶାକେ ଅଏତ୍‌କା ଲାଭ୍ ମିଲ୍‌ବା ଆଉ ପ୍ରଧାନମନ୍ତ୍ରୀଙ୍କର ଓଡ଼ିଶା ବିକାଶ ଲକ୍ଷ୍ୟ ପୂରଣ ହେବା ବଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

(ଭଏସ୍ ଓଭର୍- କେନ୍ଦ୍ର ଶିକ୍ଷାମନ୍ତ୍ରୀ)

ରେଲ୍‌ମନ୍ତ୍ରୀ            ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ନ ରେଲ୍‌କ୍ଷେତ୍ର ଲାଗି କେନ୍ଦ୍ରୀୟ ବଜେଟ୍‌ଥି ୧୦ ହଜାର୍ ୫ ଶହ ୯୯ କୋଟି ଟଙ୍କା ବ୍ୟୟବରାଦ୍ କରାଯାଇଛେ ବଲି ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ କହିଛନ୍ । ସାମ୍ବାଦିକ୍ ସମ୍ମିଲନୀ ଜରିଏ ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍, ଓଡ଼ିଶା ନ ୭୮ ହଜାର୍ କୋଟି ଟଙ୍କାନୁ ଅଏତ୍‌କା ଟଙ୍କାର୍ ରେଲ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛେ । ଓଡ଼ିଶା ନ ୫୯ ଷ୍ଟେସନ୍‌କେ ଅମୃତ୍ ଷ୍ଟେସନ୍ ହିସାବେ ବିକଶିତ୍ କରାଯିବା ।

ସେନ୍ତା ଓଡ଼ିଶାର୍ ଭିନ୍ ଭିନ୍ ଷ୍ଟେସନ୍ ସହେତେ ସମ୍ବଲ୍‌ପୁର୍ ଷ୍ଟେସନ୍‌ର ବିକାଶ୍ ଲାଗି କେନ୍ଦ୍ର ସର୍‌କାର୍ ୩ ଶହ ୪୮ କୋଟି ଟଙ୍କା ମଞ୍ଜୁର୍ କରିଥିବାର୍‌ନୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ ।

ଟ୍ରମା କେନ୍ଦ୍ର            I&PR

କଟକ ଶ୍ରୀରାମଚନ୍ଦ୍ର ଭଂଜ ମେଡିକାଲ କଲେଜ୍ ଆଉ ହସ୍ପିଟାଲ୍ ନ ୫୦୦ ଶଯ୍ୟାର୍ ଗୁଟେ ଟ୍ରମା କେନ୍ଦ୍ର ଥାପ୍‌ନା କରାଯିବା ।

ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର୍ ସୂଚ୍ନା ଅନ୍ସାରେ, ପ୍ରଧାନମନ୍ତ୍ରୀ ସ୍ୱାସ୍ଥ୍ୟ ଯୋଜ୍ନାଥି ଇ ଟ୍ରମା ସେଂଟର ପ୍ରତିଷ୍ଠା ହେବା । ଇଥିର୍ ଲାଗି କେନ୍ଦ୍ର ସରକାର ୬୦ ପ୍ରତିଶତ ଆଉ ରାଜ୍ୟ ସରକାର ୪୦ ପ୍ରତିଶତ ଅର୍ଥ ବିନିଯୋଗ୍ କର୍ବେ । କଟକ ଏସ୍ସିବି ମେଡିକାଲ କଲେଜ୍ ନ ଟ୍ରମା ସେଂଟର ଖୁଲ୍ବାର୍ ଲାଗି ଗଲା ଜୁଲାଇ ମାସେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ ।

ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା- ପ୍ରସ୍ତୁତି ବୈଠକ୍ ସମ୍ବଲ୍ପୁର୍

ସମ୍ବଲ୍ପୁର୍ ନ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍ନା ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ଜିଲ୍ଲାପାଲ୍ଙ୍କର୍ ସମ୍ମିଳନୀ କକ୍ଷ ଠାନେ ହେଇଯାଇଛେ । ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍ନା ଅଧୀନ୍ଥି ଆଏବା ୭ ତାରିଖ୍ ନୁ ସମ୍ବଲ୍ପୁର୍ ନୁ କୋଲ୍କାତା, କାମାକ୍ଷାକେ ଇ ଯାତ୍ରା ମୁଲ୍ ହେବା । ବୈଠକ୍ଥି ଅଧ୍ୟକ୍ଷତା କରିକରି ମହାନଗର୍ ନିଗମ୍ ଆୟୁକ୍ତ ବେଦଭୂଷଣ୍ ଇ ବାବ୍ଦେ ସୂଚ୍ନା ଦେଇଛନ୍ ।

ବିଶ୍ୱ କର୍କଟ୍ ଦିବସ ଆର୍ଏନ୍ୟୁ ସମ୍ବଲପୁର୍

ଆଏଜ୍ ବିଶ୍ୱ କର୍କଟ ଦିବସ୍ । ମିଲିତ ଆନ୍ତର୍ଜାତୀୟ କର୍କଟ ରୋଗ ନିୟନ୍ତ୍ରଣ ସଂଘ ତରଫୁ ଫି ବଛର୍ ଆଝିର୍ ଦିନ୍‌କେ ବିଶ୍ୱ କର୍କଟ ଦିବସ୍ ଭାବେ ପାଲନ୍ କରାଯାଉଛେ । କର୍କଟ ରୋଗ ବାବ୍‌ଦେ ଲୋକ୍‌ମାନ୍‌କୁ ଜନାବାର୍ ସହେତେ ଇ ରୋଗ୍‌ର ମାରାତ୍ମକ ପ୍ରଭାବ୍ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍‌ଟା ଇ ଦିବସ୍ ପାଲନ୍‌ର ମୁଲ୍ ଲକ୍ଷ୍ୟ ଆଏ । ଇ ବଛର୍ ବିଶ୍ୱ କର୍କଟ ଦିବସ୍‌ର ବାର୍ତା ହେଉଛେ ନିଜର୍ ଦକ୍ଷତା ଆର୍ ସମ୍ମିଲିତ୍ ଚେରେଷ୍ଟା ସାହାଜ୍‌ଥି କେନ୍‌ସର୍‌କେ ରୋକାଯାଇପାର୍‌ବା ।

ଖଡ଼ିଆଲ୍ ମହୋତ୍ସବ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍‌ର ରାଜା ଆର୍ତତ୍ରାଣ ହାଇସ୍କୁଲ୍ ପଡ଼ିଆଠାନେ ୧୮ ନମ୍ବର୍ ଖଡ଼ିଆଲ୍ ମହୋତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । ଉଦ୍‌ଘାଟନୀ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ୍ ଅଧ୍ୟକ୍ଷା ଯୋଗ୍ ଦେଇକରି ଖଡ଼ିଆଲ୍ ମହୋତ୍ସବ୍ ପ୍ରଦର୍ଶିତ୍ ହେଉଥିବା ସାହିତ୍ୟ, ସଂସ୍କୃତି ଆର୍ ସାଂସ୍କୃତିକ୍ ପରିବେଷଣ୍‌ର ଗୁଟେ ପରିଚୟ ଆଏ ବଲି କହିଥିଲେ । ଇତାର୍ ଆଘୋନୁ ବିଜୟ ମଶାଲ୍ ଋଷି ପୀଠ ଠାନୁ ବାହାରିକରି ସହର୍ ବୁଲିଥିଲା ।

ହକି ପ୍ରୋ ଲିଗ୍       ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୧୫ ନୁ ୨୫ ତାରିଖ୍‌ତକ୍ ଭୁବ୍‌ନେଶ୍ୱର୍ କଲିଙ୍ଗ ଷ୍ଟାଡ଼ିୟମ୍ ନ ହକି ପ୍ରୋ ଲିଗ୍‌ର ପୁରୁଷ ଆର୍ ମହିଲା ବର୍ଗର୍ ମେଚ୍ ଖେଲାଯିବା । ଇ ଲିଗ୍‌ଥି ଭାରତୀୟ ପୁରୁଷ ଦଲ୍ ଇଂଲଣ୍ଡ, ସ୍ପେନ୍, ଜର୍ମାନୀ, ଆର୍ୟଲେଣ୍ଡ ସାଙ୍ଗେ ଖେଲ୍‌ବା । ସେନ୍ତା ମହିଲା ଦଲ୍ ଜର୍ମାନୀ, ଇଂଲଣ୍ଡ, ନେଦର୍‌ଲେଣ୍ଡ୍ ଆର୍ ସ୍ପେନ୍‌କେ ଭେଟ୍‌ବା । ଦର୍ଶକ୍‌ମାନ୍‌କର୍ ଲାଗି ହକି ଇଣ୍ଡିଆ ତର୍‌ଫୁ ମାହାଲିଆ ଟିକେଟ୍‌ର ବ୍ୟବସ୍ଥା କରାଯାଇଛେ ବଲି ହକି ଇଣ୍ଡିଆ ସଭାପତି ଦିଲ୍ଲୀପ୍ ତିର୍କି ସୂଚ୍‌ନା ଦେଇଛନ୍ । ଦର୍ଶକ୍‌ମାନେ ମେଚ୍ ଦେଖ୍‌ବାର୍ ଲାଗି ଟିକେଟ୍ ଜେନିଜ୍ ୱେବ୍ ପୋର୍ଟାଲ୍‌ଥି ପଞ୍ଜିକରଣ୍ କରିକରି ମାହାଲିଆ ଟିକେଟ୍ ପାଇପାର୍‌ବେ ।

ଭାରତ୍-ଇଂଲଣ୍ଡ୍ ମେଚ୍- ଟିକେଟ୍ ବିକ୍ରି     ଆର୍‌ଏନ୍‌ୟୁ/ସମ୍ବଲପୁର

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ଠାନେ ଆଏବା ୯ ତାରିଖ୍ ହେବାର୍‌କେ ଥିବା ଭାରତ୍-ଇଂଲଣ୍ଡ୍ ଦିନ୍‌କିଆ କ୍ରିକେଟ୍ ମେଚ୍ ଲାଗି ଅଫ୍‌ଲାଇନ୍‌ଥି ଟିକେଟ୍ ବିକ୍ରି ଆଏବା ବୁଧବାର୍‌ନୁ ମୁଲ୍

ହେବା । ଅନ୍‌ଲାଇନ୍‌ଥି ୪ ହଜାର୍‌ନୁ ଅଏତ୍‌କା ଟିକେଟ୍ ଘିନିଥିବାର୍ ଦର୍ଶକ୍ ଆଏବା ୭ ନୁ ୯ ତାରିଖ୍ ଭିତ୍‌ରେ କଟକ୍ କେମ୍ବ୍ରିଜ୍ ସ୍କୁଲ୍ ନାହେତ ଭୁବ୍‌ନେଶ୍ୱର୍ କିଟ୍ ବିଶ୍ୱବିଦ୍ୟାଳୟର୍ ଧାରିଜ୍ ହେଇଥିବାର୍ କାଉଂଟର୍‌ନୁ ଟିକେଟ୍ ସଂଗ୍ରହ କରିପାର୍‌ବେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ବଢୁଛେ ତାତି । ଆଏବା ୪ /୫ ଦିନ୍ ତକ୍ ପାଗ୍ ଏନ୍ତା ରହେବା ବଲି ଭୁବନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଗଲା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ଗୁଟେ ଜୁଡ଼େ ଜାଗାକେ ଛାଡ଼ିକରି ବାକି ଜାଗାମାନ୍‌କେ ଦିନର୍ ସବୁନୁ ଜହ ତାପମାତ୍ରା ୩୩ ଡିଗ୍ରୀ ଉପ୍‌ରେ ଥିଲା । ଗଲାକାଏଲ୍ ପାରଲାଖେମୁଣ୍ଡି ନ ସବୁନୁ ଜହ ତାତି ୩୬ ଦଶ୍‌ମିକ୍ ୬ ଡିଗ୍ରୀ ରେକର୍ଡ଼ କରାଯାଇଥିବାର୍ ବେଲେ ବଲାଙ୍ଗିର୍ ନ ୩୬, ସୁନ୍ଦର୍‌ଗଡ଼୍ ନ ୩୫ ଦଶ୍‌ମିକ୍ ୪, ସମ୍ବଲ୍‌ପୁର୍ ନ ୩୫ ଦଶ୍‌ମିକ୍ ୨ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼ କରାଯାଇଛେ । ଆଏବା କାଏଲ୍ ରାଜ୍ୟର୍ ୭ ଟା ଜିଲ୍ଲା ନ ବହଲିଆ କୁହୁଡ଼ି ହେଇପାରେ ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।